ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1211/09-11-2023**

## ବିଶ୍ୱ ପ୍ରେକ୍ଷାପଟରେ ଆଗାମୀ ୧୦ ବର୍ଷ ପାଇଁ
## ପଲିସି ରୋଡ୍‌ମ୍ୟାପ୍ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୦୯/୧୧/୨୦୨୩

ମିଲେଟସର ପ୍ରସାରପ୍ରଚାର ଦିଗରେ ବିଭିନ୍ନ କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା ସହ ଏହାର ନିରାକରଣ କରି ବିଶ୍ୱ ପ୍ରେକ୍ଷାପଟରେ ଆଗାମୀ ୧୦ ବର୍ଷ ପାଇଁ ଓଡ଼ିଶା ମିଲେଟସ ମିଶନର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟସ୍ ରିସର୍ଚ୍ଚ ଏବଂ ନୀତି ଆୟୋଗ ତରଫରୁ ପରିଚାଳିତ ଏକ ରାଉଣ୍ଡ ଟେବୁଲ ବୈଠକରେ ମିଲେଟସ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ବିଭିନ୍ନ ଅଂଶୀଦାର, କୃଷକ ସଂଗଠନ, ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀମାନଙ୍କଠାରୁ ମତାମତ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଅଧିବେଶନ ପ୍ରାରମ୍ଭରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଭାରତରେ ମିଲେଟସର ଅଗ୍ରଗତି ସଂପର୍କରେ ଏକ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ସନ୍ଦର୍ଭରେ ଡ. ପାଢ଼ୀ କୃଷକ, କୃଷକ ଉତ୍ପାଦକ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ଅଂଶୀଦାରମାନେ ମିଲେଟସର ପ୍ରସାର ଦିଗରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ଏଥି ସହିତ ଓଡ଼ିଶା ମିଲେଟସ ମିଶନର ବିଭିନ୍ନ କାର୍ଯ୍ୟକ୍ରମ କିପରି ରାଜ୍ୟର ପ୍ରତିଟି ଚାଷୀ ପାଇଁ ସହାୟକ ହୋଇପାରିଛି ସେ ସଂପର୍କରେ ଅବଗତ କରାଇଥିଲେ । ଚାଷୀମାନଙ୍କଠାରୁ ମିଲେଟସ ସଂଗ୍ରହ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର ଦିଗରେ ଭାରତ ସରକାର ଏବଂ ଅନ୍ୟ ଅନୁଷ୍ଠାନର ସହଯୋଗ ନିମନ୍ତେ ଡ. ପାଢ଼ୀ ଧନ୍ୟବାଦ ଦେଇଥିଲେ । ଏହା ଦ୍ୱାରା ରାଜ୍ୟରେ ଏକ ସୁଦୃଢ଼ ସାଧାରଣ ବଣ୍ଟନ ବ୍ୟବସ୍ଥା ପ୍ରଚଳନ ହୋଇପାରିଛି ବୋଲି ସେ ମତ ଦେଇଥିଲେ ।

ଆଲୋଚନା ଚକ୍ରରେ ବକ୍ତାମାନେ ସବୁ ରାଜ୍ୟରେ ମିଲେଟ ଚାଷ ନିମନ୍ତେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ସହିତ ସେମାନଙ୍କଠାରୁ ମିଲେଟସ ସଂଗ୍ରହ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିମାନଙ୍କୁ ମିଲେଟସ ଯୋଗାଣ, ରାଜ୍ୟର ମିଲେଟସ୍ ଚାଷକୁ ସଂପ୍ରସାରିତ କରି ମିଲେଟସର ପ୍ରକ୍ରିୟାକରଣ ଦିଗରେ ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା କରିବା ଏବଂ ବେସରକାରୀ ସଂସ୍ଥା ଓ କଂମ୍ପାନୀ ଦ୍ୱାରା ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ ଉପରେ ମତ ଦେଇଥିଲେ । ଏଥି ସହିତ ମିଲେଟସ ଉପରେ ଅଧିକ ଗବେଷଣା, ସ୍ୱଳ୍ପମିଆଦି ମିଲେଟସ ଚାଷକୁ ପ୍ରୋତ୍ସାହନ, ବ୍ଲକ୍‌ସ୍ତରରେ ଅନ୍ତରାଷ୍ଟ୍ରୀୟ କୃଷି ବିଦ୍ୟାଳୟ ସ୍ଥାପନ, ସେଲିବ୍ରିଟିମାନଙ୍କ ସଂପୃକ୍ତିରେ ଅଭିନବ ଉପାୟରେ ମିଲେଟସର ବିକ୍ରିବଟା ବ୍ୟବସ୍ଥା, ଶିଶୁର ପ୍ରଥମ ଏକ ହଜାର ଦିନରେ ମିଲେଟସକୁ ଖାଦ୍ୟରେ ସାମିଲ କରିବା, ସର୍ବୋତ୍କୃଷ୍ଟ ମିଲେଟସ ଖାଦ୍ୟ ପ୍ରସ୍ତୁତି ଏବଂ ଜୈବିକ ମିଲେଟସ ଚାଷ ଉପରେ ପ୍ରସ୍ତାବ ଦିଆଯାଇଥିଲା ।

ବୈଠକରେ ସିଏସିପିର ଅଧ୍ୟକ୍ଷ ପ୍ରଫେସର ବିଜୟ ପାଲ ଶର୍ମା ଅଧ୍ୟକ୍ଷତା କରିଥିବାବେଳେ ଭାରତର ସରକାରଙ୍କ ଯୁଗ୍ମ ଶାସନ ସଚିବ ଶୁଭା ଠାକୁର ସହଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆର୍-ଆଇଆଇଏମ୍ଆର୍‌ର ନିର୍ଦ୍ଦେଶକ ଡ. ସି. ତାରାସତ୍ୟବତୀ, ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ପ୍ରତିନିଧି ତାକାଉକି ହାଗିୱାରା, ଏମ୍.ଏସ୍.ଏସ୍.ଆର୍‌ର ଅଧ୍ୟକ୍ଷ ଡ. ସୌମ୍ୟା ସ୍ୱାମୀନାଥନ୍, ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ଏଗ୍ରିକଲଚର ରିସର୍ଚ୍ଚର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଏବଂ ବିଭିନ୍ନ ବେସରକାରୀ ସଂଗଠନର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ସ୍ୱାଗତ ଭାଷଣ ଦେଇଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ